**ଏନ୍‌ଆଇଏଟି ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର: ଏନ୍‌ଆଇଏଟି ଅନୁଷ୍ଠାନ ପକ୍ଷରୁ ଏହାର ପ୍ରତିଷ୍ଠା ଦିବସ ସ୍ଥାନୀୟ ଶୈଳଶ୍ରୀବିହାର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଦେବାଶିଷ ପରିଡ଼ାଙ୍କ ଅଧକ୍ଷତାରେ ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମରେ ନାମଯଜ୍ଞ ଏବଂ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଧର୍ମଗୁରୁମାନେ ଯୋଗଦେଇଥିଲେ। ଚଳିତବର୍ଷ କରୋନା ମହାମାରୀ ଲାଗି ଅନୁଷ୍ଠାନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ମଧ ହାତକୁ ନିଆଯାଇଛି। କରୋନା କଟକଣା ପାଳନକରି ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା।



## ସଂକ୍ଷେପରେ

### ଗ୍ରିନ୍‌ଚିଲି ଫାଷ୍ଟଫୁଡ୍ ସେଣ୍ଟରରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର,୬।୧(ବ୍ୟୁରୋ):** ରାଜଧାନୀର ଗୋପବନ୍ଧୁ ଛକଠାରେ ଥିବା ଏକ ଫାଷ୍ଟଫୁଡରେ ବୁଧବାର ରାତି ପ୍ରାୟ ୮ଟାରେ ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଘଟଣାସ୍ଥଳରେ ସଚିବାଳୟ ଦମ୍‌କଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଲ୍‌ପିଜି ଗ୍ୟାସ୍ ଲିକ୍ ହେବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା ନେଇ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଥିବାବେଳେ ଫାଷ୍ଟଫୁଡ୍‌ର ଦୁଇଜଣ କର୍ମଚାରୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲରେରେ ଭର୍ତ୍ତି କରାଯାଇଥିଲା।

### ମହାନଦୀରେ ବୁଡ଼ି ପୂଜକ ମୃତ

**କଟକସଦର,୬।୧(ଡି.ଏନ୍.ଏ.):** କିଶନ ନଗର ଥାନା ଅନ୍ତର୍ଗତ ଫୁଲରା ଗ୍ରାମର ପୂଜକ ରମେଶ ଚନ୍ଦ୍ର ପଣ୍ଡା ବୁଧବାର ମହାନଦୀରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ଖବରପାଇ ରଘୁନାଥପୁରସ୍ଥିତ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ପାଣିରୁ ତାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧/୨୧) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ବୋଧପୁର ପଞ୍ଚାୟତ ଫୁଲରା ଗ୍ରାମର ଜଣେ ବ୍ୟକ୍ତିଙ୍କ ଦଶାହ କାର୍ଯ୍ୟ କରିବା ପାଇଁ ପୂଜକ ରମେଶ ସ୍ଥାନୀୟ ମହାନଦୀକୁ ଆସିଥିଲେ। କାର୍ଯ୍ୟ ସାରି ନଦୀରେ ଗାଧୋଉଥିବାବେଳେ ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ।

### ପିଠାପୁର କାଳୀୟଦଳନ ପୂଜା କମିଟିର ନୂତନ କର୍ମକର୍ତ୍ତା

**କଟକ ଅଫିସ, ୬।୧:** ପିଠାପୁର କାଳୀୟଦଳନ ପୂଜା କମିଟିର ଏକ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କମିଟିର ସଭାପତି ଭାବେ ଦୋଳଗୋବିନ୍ଦ ବେହେରା ଓ ସମ୍ପାଦକ ଭାବେ ଅକ୍ଷୟ କୁମାର ଜେନା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମ ଅଧିକାରୀ ଧୀରେନ୍ଦ୍ର ମୂଳିଆ ଅଧକ୍ଷତା କରିଥିଲେ। ଉକ୍ତ ସଭାରେ ଗ୍ରାମର ମହନ୍ତ, କଟୁଆଳ ଓ ବୟୋଜ୍ୟେଷ୍ଠ ମୁରବିମାନେ ଉପସ୍ଥିତ ଥିଲେ।

# ପ୍ରଥମ ଦିନରେ ଦର୍ଶନ କଲେ ୯୪୮ ଭକ୍ତ

**ପୁରୁଣା ଭୁବନେଶ୍ୱର,୬।୧(ଡି.ଏନ୍.ଏ.)**

## ସର୍ବସାଧାରଣ ପାଇଁ ଖୋଲିଲା ଶ୍ରୀଲିଙ୍ଗରାଜ ମନ୍ଦିର



ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ବୁଧବାରଠାରୁ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଭିନ୍ନ ସ୍ଥାନରୁ ୯୪୮ଜଣ ଭକ୍ତ ଆସି ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିବା ସହ ଆଶୀର୍ବାଦ କାମନା କରିଛନ୍ତି। ସେମାନଙ୍କ ମଧ୍ୟରୁ ୪୧୮ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଥିବାବେଳେ କେହି ପଜିଟିଭ୍ ନ ଥିବା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଛନ୍ତି। କୋଭିଡ୍-୧୯ ଗାଇଡ୍‌ଲାଇନ ଅନୁଯାୟୀ ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ କୋଭିଡ୍ ଟେଷ୍ଟ ରିପୋର୍ଟ ଏବଂ ଆଧାରକାର୍ଡ ଯାଞ୍ଚ କରାଯାଇ ମନ୍ଦିର ଭିତରକୁ ଛଡ଼ାଯାଉଥିଲା। ଅନେକ ଶ୍ରଦ୍ଧାଳୁ ଆବଶ୍ୟକ ପ୍ରମାଣପତ୍ର ଆଣି ନ ଥିବାରୁ ସିଂହଦ୍ୱାରଠାରେ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ସହ ମୁଣ୍ଡିଆ ମାରୁଥିବା ଦେଖିବାକୁ ମିଳିଥିଲା। ଶ୍ରୀଲିଙ୍ଗରାଜଙ୍କ ଦର୍ଶନରୁ ଆତ୍ମତୃପ୍ତି ପାଇଥିବା କେତେଜଣ ଭକ୍ତ କହିଛନ୍ତି। ସୂଚନାଥାଉ କି, କରୋନା କଟକଣା ଯୋଗୁ ଦୀର୍ଘ ୯ମାସ ପରେ ଡିସେମ୍ବର ୨୬ରେ ଶ୍ରୀଲିଙ୍ଗରାଜ ମନ୍ଦିର ଖୋଲାଯାଇଥିଲା। ୨୬ରୁ ୩୧ ତାରିଖ ପର୍ଯ୍ୟନ୍ତ କେବଳ ସେବାୟତ ଓ ସେବାୟତଙ୍କ ପରିବାର ଲୋକେ ଦର୍ଶନ କରିବାକୁ ଅନୁମତି ଦିଆଯାଇଥିଲା। ନୂଆବର୍ଷ ପାଇଁ ୧ ଓ ୨ ତାରିଖରେ ଦର୍ଶନ ବ୍ୟବସ୍ଥା ବନ୍ଦ ରହିଥିଲା। ପରେ ୩, ୪ ଓ ୫ ତାରିଖରେ କେବଳ ରାଜଧାନୀବାସୀଙ୍କୁ ଅନୁମତି ମିଳିଥିଲା। ତେବେ ବୁଧବାରଠାରୁ ସର୍ବସାଧାରଣଙ୍କ ପାଇଁ ମନ୍ଦିର ଖୋଲାଯାଇଥିଲା।

## ମନ୍ଦିର ଆଗରେ ବେଆଇନ ପାର୍କିଂ

ଶ୍ରୀଲିଙ୍ଗରାଜ ମନ୍ଦିର ଓ ଏହାର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ବୁଧବାରଠାରୁ ସର୍ବସାଧାରଣ ଭକ୍ତଙ୍କ ନିମନ୍ତେ ଦର୍ଶନ ଜାରି ରହିଛି। ସିଂହଦ୍ୱାରର ବାମପାର୍ଶ୍ୱ ମନ୍ଦିର ଐଶାନ୍ୟ କୋଣ ଏବଂ ଦକ୍ଷିଣ ପାର୍ଶ୍ୱର ଅଗ୍ନିକୋଣଠାରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଅସ୍ଥାୟୀ ବ୍ୟାରିକେଡ କରାଯାଇଛି। ଏଠାରେ ନିୟୋଜିତ ପୋଲିସ କର୍ମଚାରୀ କାହାରିକୁ ନ ଛାଡ଼ି ସିଂହଦ୍ୱାର ସମ୍ମୁଖ ବାରିକେଡରେ ଆସିବାକୁ ସୂଚନା ଦେଉଛନ୍ତି। ହେଲେ କେତେଜଣ ସେବକ ଓ କର୍ମଚାରୀ ଏହି ଟ୍ରାଫିକ ଦେଇ ଦ୍ରୁତଗତିରେ ବାଇକ୍ ଚଳାଇବା ସହ ମନ୍ଦିର ସମ୍ମୁଖରେ ବେଆଇନ ଭାବେ ପାର୍କିଂ କରିଥିବା ଦେଖିବାକୁ ମିଳିଥିଲା।

# ନନ୍ଦନକାନନରେ ପୁଣି ଆରମ୍ଭ ହେଲା ବୋଟିଂ

**ବାରଙ୍ଗ,୬।୧(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଖୋଲିବାର ୩ ମାସ ବ୍ୟବଧାନ ପରେ ବୁଧବାର ଆରମ୍ଭ ହୋଇଛି ବୋଟିଂ । ଅପେକ୍ଷାରେ ଥିବା ପର୍ଯ୍ୟଟକମାନେ ବୋଟିଂ ଖୋଲିବା ପରେ ବେଶ୍ ମଜା ଉଠାଇଥିଲେ। ଜଣେ ଠିକାଦାର ମାସିକ ୧ଲକ୍ଷ ୬୭ହଜାର ଟଙ୍କା ମୂଲ୍ୟରେ ୬ମାସ ପର୍ଯ୍ୟନ୍ତ ବୋଟିଂ ଯୋଗାଇଦେବାକୁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହ ଚୁକ୍ତି କରିଛନ୍ତି। ଏହି ଆଧାରରେ ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୫ଟି ପେଡାଲ ବୋଟକୁ ନେଇ ଏହି ସଂସ୍ଥା ବୋଟିଂର ସେବା ପର୍ଯ୍ୟଟକମାନଙ୍କୁ ଦେଇଥିଲେ। ଏହା ଆଗକୁ ୨୦ଟି ଓ ବଟାନିକାଲ ଗାର୍ଡେନରେ ୫ଟି ବୋଟର ବ୍ୟବସ୍ଥା ହେବ। ଏହାସହ ପ୍ରଦୂଷଣମୁକ୍ତ ପାଇଁ ସୋଲାର ବୋଟ ଆଗକୁ ଆସିବ ବୋଲି ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି। ତେବେ ଛୋଟପିଲାଙ୍କ ସହ ମଦ୍ୟପମାନେ ବୋଟିଂ କରିପାରିବେ ନାହିଁ ଓ ସମସ୍ତେ ଲାଇଫ ଜ୍ୟାକେଟ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି ବୋଲି ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡା କହିଛନ୍ତି ।



ନନ୍ଦନକାନରେ ପର୍ଯ୍ୟଟକମାନେ ବୋଟିଂ କରୁଛନ୍ତି।

## କଟକ ଜିଲା ମେଡିକାଲ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**କଟକ ଅଫିସ, ୬।୧**

କଟକ ଜିଲା ମେଡିକାଲ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ସିଟି ହସ୍ପିଟାଲସ୍ଥିତ ସଂଘର ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଛି। ଉକ୍ତ ଉତ୍ସବରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ଉପଦେଷ୍ଟା ନବଘନ ପରିଡ଼ା ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ଡା. ସୁଧାଂଶୁ ଶେଖର ଗିରି, ପୂର୍ବତନ ସାଧାରଣ ସମ୍ପାଦକ ବ୍ରଜ ନନ୍ଦ, ଓଡ଼ିଶା ରେଡିଓଗ୍ରାଫର ସଂଘର ସଭାପତି ସୁବାସ ଚନ୍ଦ୍ର ସେଠୀ, ଫାର୍ମାସିଷ୍ଟ ସଂଘର ଉପସଭାପତି ସୁଧାଂଶୁ ଶେଖର ପଣ୍ଡା ଏବଂ ପ୍ରଭାକର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସିଟି ହସ୍ପିଟାଲରେ କାର୍ଯ୍ୟରତ ୬ଜଣ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘର ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୋଛାୟତ ବାର୍ଷିକ ବିବରଣୀ ଓ ସଂଯୋଜକ ମହାଦେବ ବାରିକ ଧନ୍ୟବାଦ ଦେଇଥିଲେ ।

# 'ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଘଟିଛି'

**କଟକ ଅଫିସ, ୬।୧**



କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଆଇଟିଆଇ ପରିଦର୍ଶନ ସମୟରେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଆଇଟିଆଇ ଛାତ୍ରୀଛାତ୍ରମାନେ ଅତ୍ୟାଧୁନିକ ଶିଳ୍ପଭିତ୍ତିକ ଜ୍ଞାନକୌଶଳ ବିକାଶ କରିଛନ୍ତି। ଏହା ଦ୍ୱାରା ଛାତ୍ରୀଛାତ୍ରମାନେ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଅଭିଯାନକୁ ପ୍ରତିପାଦିତ କରିପାରିଛନ୍ତି ବୋଲି ବୁଧବାର ଖପୁରିଆସ୍ଥିତ ସରକାରୀ ଆଇଟିଆଇ ପରିଦର୍ଶନ ସମୟରେ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି। ପରିଦର୍ଶନ ସମୟରେ ମହତାବ ସମସ୍ତ କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିବା ସହ ଶିଳ୍ପ ତାଲିମ କେନ୍ଦ୍ର ବିଷୟରେ ପଚାରି ବୁଝିଥିଲେ। ଏଥିସହିତ ଆଇଟିଆଇସ୍ଥିତ କର୍ମଶାଳା, କୌଶଳ ସଂଗ୍ରହାଳୟ, ସ୍ନାଇଡର ଲାବ୍, ହୋଣ୍ଡା କୌଶଳ ବୃଦ୍ଧି କେନ୍ଦ୍ର, ସିଏନ୍‌ସି ଲାବ୍, ଆଇଜି-ଡ୍ରୋନ୍ସ ଲାବ୍, ଏଡେଜ୍‌ଏଫ୍‌ଏକ୍ସ ଲାବ୍, ମାରୁତି ସୁଜୁକି କୌଶଳ ବୃଦ୍ଧି କେନ୍ଦ୍ର, ସ୍ମାର୍ଟ ଶ୍ରେଣୀଗୃହ ବୁଲି ଦେଖିଥିଲେ। ଆଇଜି-ଡ୍ରୋନ୍ସରେ କାର୍ଯ୍ୟରତ ଛାତ୍ରୀଛାତ୍ରମାନେ ଡ୍ରୋନ୍ ଉଡ଼ାଇ ଦେଖାଇଥିଲେ। ଛାତ୍ରୀଛାତ୍ରଙ୍କ ଜ୍ଞାନକୌଶଳ ଏବଂ ଶିଳ୍ପ ତାଲିମ କେନ୍ଦ୍ରର ନୂଆ ରୂପରେଖକୁ ମହତାବ ପ୍ରଶଂସା କରିଥିଲେ। ଏମ୍‌ପି ମହତାବଙ୍କ ଆଇଟିଆଇ ପରିଦର୍ଶନ ସମୟରେ ଏହାର ଅଧକ୍ଷ ହୃଷୀକେଶ ମହାନ୍ତି ଏବଂ ଡିଟିଇଟି ନିର୍ଦ୍ଦେଶକ ରେଘୁ ଜୀ ଉପସ୍ଥିତ ଥିଲେ।

# ଡମଡ଼ମଣି ପୀଠରେ ମକରମେଳା ବାତିଲ

**ଚୌଦ୍ୱାର,୬।୧(ଡି.ଏନ୍.ଏ)**

## ଜଙ୍ଗଲରେ ବଣଭୋଜି ନିଷେଧ

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ବେରେଣା ଗ୍ରାମ ନିକଟ ପାହାଡ଼ ଜଙ୍ଗଲଘେରା ବନଦେବୀ ମା'ଡମଡମଣି ପୀଠରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ମକରମେଳାକୁ ଚଳିତବର୍ଷ ବାତିଲ କରାଯାଇଛି। ଆସନ୍ତା ସଂକ୍ରାନ୍ତିରେ ହେବାକୁ ଥିବା ଏହି ମେଳା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ପୀଠ ପରିସରରେ ଡମଡମଣି ପୂଜା କମିଟି ସଭାପତି ଜୟନ୍ତ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲ।। ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି ଓ କମିଟି କର୍ମକର୍ତ୍ତାମାନେ ବୈଠକରେ ଯୋଗଦେଇ କରୋନା କଟକଣାକୁ ପାଳନ କରି ବିନା ଭକ୍ତ, ଜନ ସମାଗମ ଓ ମେଳାରେ ବସୁଥିବା ଦୋକାନ ବଜାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କେବଳ ମା'ଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି। ଏପରିକି ପାହାଡ଼ ଜଙ୍ଗଲ ଘେରା ଏହି ପ୍ରାକୃତିକ କ୍ଷେତ୍ରକୁ ବଣଭୋଜି ପାଇଁ ଆସୁଥିବା ଲୋକମାନଙ୍କୁ ଏହି ସ୍ଥାନକୁ ବାରଣ କରାଯାଇଛି। ଡମଣି ଜଙ୍ଗଲରେ ବଣଭୋଜିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲା ବୋଲି ଆଇଆଇସି ପତି ବୈଠକରେ ଘୋଷଣା କରିଥିଲେ । ମଙ୍ଗରାଜପୁର ଫରେଷ୍ଟର ମାଣିକ ମୁଣ୍ଡା, ସରପଞ୍ଚ ସସ୍ମିତା ପରିଡ଼ା, ଅକ୍ଷୟ ବିଶ୍ୱାଳ, ରବୀନ୍ଦ୍ର ରାଉତ, ନୀରୋଦ ପ୍ରଧାନ, ସୁଦର୍ଶନ ରାଉତ, ଦିବାକର ନାୟକ, ବାମଦେବ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ଶଙ୍କର ସାହୁ, ସହଦେବ ବରାଳ, ଅଶୋକ ପରିଡ଼ା ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଖୋଲା ଆକାଶ ତଳେ ଧାନମଣ୍ଡି: ଚିନ୍ତାରେ ଚାଷୀ

**କଟକ ସଦର,୬।୧(ଡି.ଏନ୍.ଏ.)**



କଟକ ସଦର ବ୍ଲକ ଅଞ୍ଚଳର ଧାନମଣ୍ଡି ଜାନୁୟାରୀରୁ ଖୋଲିଯାଇଛି। ତେବେ ସବୁ ମଣ୍ଡି ଏକ ଘରେ ରହିବା ବଦଳରେ ଖୋଲା ଆକାଶ ତଳେ ପଡ଼ିରହିଛି। ଫଳରେ ଅଦିନିଆ ବର୍ଷାକୁ ନେଇ ଚାଷୀ ଚିନ୍ତାରେ ଅଛନ୍ତି। ମଣ୍ଡିର ଭିତ୍ତିଭୂମି ବିକାଶ ପାଇଁ ଯୋଗାଣ ବିଭାଗ କୁଇଣ୍ଟାଲ ପିଛା ୮ଟଙ୍କା ୬୭ ପଇସା ଦେଉଛନ୍ତି। ହେଲେ ସେହି ଅନୁସାରେ କାର୍ଯ୍ୟ କରାଯାଉ ନାହିଁ ବୋଲି ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ଉକ୍ତ ବ୍ଲକର ଦଧିବାମନପୁର, କୁଳସରିଚୁଆଁ, ଗତିରାଉତପାଟଣା, କନ୍ଦରପୁର, ଅରିଲୋ, କିଶୋରନଗର ଓ ପ୍ରହରାଜପୁର ସମବାୟ ସମିତି ଜରିଆରେ ଧାନସଂଗ୍ରହ କରାଯିବ ବୋଲି କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଘୋଷଣା କରିଛି। କିନ୍ତୁ ମଣ୍ଡି ସବୁ ଖୋଲା ଆକାଶ ତଳେ ରହୁଥିବାରୁ ପ୍ରତିବର୍ଷ ଚାଷୀମାନେ ଧାନ ଦେଇ ହୀନସ୍ତା ହେଉଛନ୍ତି। ଏପରିକି ସେଠାରେ ବସିବା କି ପିଇବା ପାଣି ଦିଆଯାଉ ନ ଥିବା ୪୨ ମୌଜାର ସମବାୟବିତ ବିଜୟ ରାଉତରାୟ କହିଛନ୍ତି। ଯୋଗାଣ ବିଭାଗ ସୂଚନା ଅନୁଯାୟୀ, ନିୟନ୍ତ୍ରିତ ବଜାର କମିଟି ଓ ସମବାୟ ସମିତି ଧାନ ବିକ୍ରି ଲବ୍ଧଅର୍ଥରୁ ୨ ଓ ୨.୫ ପ୍ରତିଶତ ଲାଭ ପାଆନ୍ତି। ଏହି ଧାନ କ୍ରୟ ପ୍ରକ୍ରିୟାରେ ଲାଭାଂଶକୁ ଦୃଷ୍ଟିରେ ରଖି ସରକାରୀ ସଂସ୍ଥାମାନେ ମଣ୍ଡିର ସୁବ୍ୟବସ୍ଥା କରିବା ଦରକାର ବୋଲି ଆୟତପୁରର ଗୋକୁଳଚନ୍ଦ୍ର ପ୍ରଧାନ କହିଛନ୍ତି। ଅନ୍ୟପଟେ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଜିଲା ପାଇଁ ଅଧିକୃତ ହୋଇଥିବାରୁ ଏହାର ବିକାଶ ପାଇଁ ବ୍ୟବସ୍ଥା କରିବା ଦରକାର ବୋଲି ସେ କହିଛନ୍ତି। ଏ ନେଇ ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ତଥା ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସମ୍ପାଦକ ତଥା ସାଲେପୁର ଅତିରିକ୍ତ ତହସିଲଦାର ସମୀର ରଞ୍ଜନ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ପ୍ରତିକ୍ରିୟା ମିଳିପାରି ନାହିଁ। ଅପରପକ୍ଷେ କଟକ ଜିଲା ଧାନ ସଂଗ୍ରହ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ରଙ୍କୁ ପଚାରିବାରୁ ନିୟନ୍ତ୍ରିତ ବଜାର କମିଟିର କର୍ମକର୍ତ୍ତାଙ୍କ ସହ ଖୁବଶୀଘ୍ର ଅଭିଯୋଗ ସମ୍ପର୍କରେ ଆଲୋଚନା କରିବେ ବୋଲି କହିଥିଲେ।

## ଡି. ପ୍ରକାଶ ରାଓଙ୍କ ଆରୋଗ୍ୟ କାମନା

**କଟକ ଅଫିସ, ୬।୧**

ପଦ୍ମଶ୍ରୀ ତଥା ବିଶିଷ୍ଟ ସାମାଜିକ କର୍ମୀ ଡି. ପ୍ରକାଶ ରାଓଙ୍କ ଆରୋଗ୍ୟ କାମନା କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମା' କଟକ ଚଣ୍ଡୀଙ୍କ ମନ୍ଦିର ସମ୍ମୁଖରେ ମନ୍ଦିର ପୂଜକଙ୍କ ଉପସ୍ଥିତରେ ଦୀପଦାନ କରାଯାଇଛି। ପ୍ରକାଶଥାଉକି, ପଦ୍ମଶ୍ରୀ ଡି. ପ୍ରକାଶ ରାଓ କରୋନାରେ ଆକ୍ରାନ୍ତ ହୋଇ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଥିବାବେଳେ ତାଙ୍କର ଦୁଇଥର ବ୍ରେନଷ୍ଟ୍ରୋକ ହୋଇସାରିଲାଣି। ଏଥିରେ ବିଜୁ ଛାତ୍ର ଜନତା ଦଳର କଟକ ଜୋନ ସଭାପତି ସ୍ମୃତି ରଞ୍ଜନ ଦାଶ, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମହାନ୍ତି, ହାପି ଦତ୍ତ, ଶିବ ଶଙ୍କର ସିଂହ, ରମେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାଜେଶ୍ୱରୀ



@ ଚନ୍ଦନ



@ ନରେନ୍ଦ୍ର



@ ପ୍ରଭଞ୍ଜନ



@ ସୌମ୍ୟରଞ୍ଜନ



@ ହାପି



@ ପୂର୍ଣ୍ଣଚନ୍ଦ୍ର



@ ସସ୍ମିତା

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୭, ୨୦୨୧



## ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଉଦ୍‌ଘାଟିତ

ସାକ୍ଷୀଗୋପାଳ,(ଡି.ଏନ୍.ଏ): ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ୨୮ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ସେବାକେନ୍ଦ୍ର ଲୋକାର୍ପଣ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ବିଡିଓ କ୍ଷୀରୋଦ କୁମାର ବେହେରା, ଉପାଧ୍ୟକ୍ଷ ବିକ୍ରମ ଜେନା, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବଚରଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ବିଡିଓ ସାରଦା ପ୍ରସନ୍ନ ମହାନ୍ତି, ସହକାରୀ ଯନ୍ତ୍ରୀ ଭାସ୍କର ପ୍ରସାଦ ଶତପଥୀ, କନିଷ୍ଠ ଯନ୍ତ୍ରୀ ଶରତ ସୁଧାଂଶୁ ରଥ, ପ୍ରମଥା ଦାଶ, ନିବେଦିତା କାନୁନଗୋ ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

### ଜୁଆ ଆଡ୍ଡାରେ ଚଢ଼ାଉ, ଜଣେ ଗିରଫ

**୩ ବାଇକ୍, ୭୨ ହଜାର ଟଙ୍କା ଜବତ**

ପୁରୀ ଅଫିସ, ୬।୧: ସ୍ଥାନୀୟ ଜଗନ୍ନାଥବଲ୍ଲଭ ପରିସରରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିସହ ସେଠାରୁ ୩ଟି ବାଇକ୍, ଗୋଟିଏ ମୋବାଇଲ ଫୋନ୍ ସମେତ ୭୨ ହଜାର ଟଙ୍କା ଜବତ କରିଛି। ସୂଚନା ଅନୁଯାୟୀ, ଗତ ୨ତାରିଖ ସନ୍ଧ୍ୟାରେ ଟାଉନ୍ ଥାନା ପୋଲିସ ବଡ଼ଦାଣ୍ଡରେ ପାଟ୍ରୋଲିଂ କରୁଥିବା ବେଳେ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଜୁଆଖେଳ ଚାଲିଥିବା ଖବର ପାଇଥିଲା। ପୋଲିସକୁ ଦେଖି ଜୁଆଡ଼ିମାନେ ଢେଲା ପଥର ମାରି ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ପୋଲିସ ଜଣଙ୍କୁ ଧରି ପଚରାଉଚରା ବେଳେ ଜାଣିବାକୁ ପାଇଥିଲା ଯେ, ଗୁଡ୍ଡୁ, ବାବୁନା ଓ ଶିବୁନା ଏହି ଜୁଆ ଆଡ୍ଡା ଚଳାଉଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଖୋଳତାଡ଼ ଜାରି ରଖିଛି।

### ୧୪ରୁ ରାମ ମନ୍ଦିର ପାଇଁ ନିଧି ସଂଗ୍ରହ ଅଭିଯାନ

ପୁରୀ ଅଫିସ, ୬।୧: ପୁରୀସ୍ଥିତ କଳିଙ୍ଗ ସ୍ପୋର୍ଟିଂ କ୍ଲବ୍ ପରିସରରେ ବୁଧବାର ବିଶ୍ୱ ହିନ୍ଦୁ ପରିଷଦ ନଗର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଯୋଧ୍ୟାର ରାମମନ୍ଦିର ନିର୍ମାଣ ନିମନ୍ତେ ନିଧି ସଂଗ୍ରହ ଅଭିଯାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରିଷଦର ନଗର ଶାଖା ପକ୍ଷରୁ ଆସନ୍ତା ୧୪ରୁ ୩୧ ତାରିଖ ପର୍ଯ୍ୟନ୍ତ ୧୪, ୧୮, ୧୯ ଓ ୨୦ ନମ୍ବର ୱାର୍ଡରେ ନିଧି ସଂଗ୍ରହ କାର୍ଯ୍ୟକ୍ରମ ଚାଲିବ। ବିଶ୍ୱ ହିନ୍ଦୁ ପରିଷଦର କର୍ମୀମାନେ ଉକ୍ତ ୪ଟି ୱାର୍ଡରେ ଦାନ ଅର୍ଥ ସଂଗ୍ରହ କରିବେ। ଏହି ଅର୍ଥ ବିଶ୍ୱ ହିନ୍ଦୁ ପରିଷଦର ଜାତୀୟ ସଙ୍ଗଠନକୁ ଦିଆଯିବ ଏବଂ ଏହା ରାମମନ୍ଦିର ନିର୍ମାଣ କାର୍ଯ୍ୟରେ ଲାଗିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଏହି ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ପୁରୀ ନଗର ସଭାପତି ନାରାୟଣ ଦାସ, ପ୍ରତାପ ମହାନ୍ତି, କବିତା ରଥ ଓ ଧୀରେନ୍ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ବିଘ୍ନେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ, ମାଛପଡ଼ା ଚାମ୍ପିୟନ

ଡେଲାଙ୍ଗ,୬।୧(ଡି.ଏନ୍.ଏ): ଡେଲାଙ୍ଗ ବ୍ଲକର ଗଡ଼ଡ଼କେରା ଗ୍ରାମର ବିଘ୍ନେଶ୍ୱରୀ ଯୁବକ ସଂଘ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନର ଫାଇନାଲ ମ୍ୟାଚରେ ପିଢ଼ପାଟଣା ଟିମକୁ ହରାଇ ମାଛପଡ଼ା ଟିମ ଚାମ୍ପିୟନ ହୋଇଛି। ମାଛପଡା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦୪ ରନ ସଂଗ୍ରହ କରିଥିଲା। ଜବାବରେ ପିଢ଼ପାଟଣା କ୍ରିକେଟ ଟିମ ୧୦ ଓଭରରେ ମାତ୍ର ୬୫ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ମାଛପଡ଼ା କ୍ରିକେଟ ଟିମ୍ ୩୯ରନ୍‌ରେ ବିଜୟ ଲାଭ କରିଥିଲା। ସୁନୀଲ କୁମାର ମଲ୍ଲିକ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ଅସିତ ମିଶ୍ର ଚାମ୍ପିୟନ ଟିମ୍ ଓ ରନର୍ସ ଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ସଦାଶିବ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ।

### ଓଡ଼ିଶା କିନ୍ନର ସମାଜର ବନ୍ଧୁମିଳନ

କୋଣାର୍କ,୬।୧(ଡି.ଏନ୍.ଏ): ନବବର୍ଷ ଅବସରରେ କୋଣାର୍କସ୍ଥିତ ରାମଚଣ୍ଡୀ ଶକ୍ତିପୀଠରେ ଓଡ଼ିଶା କିନ୍ନର ସମାଜର କର୍ମକର୍ତ୍ତା ଓ ଅନୁଗାମୀମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କିନ୍ନର ସମାଜର ସଭାନେତ୍ରୀ ମୀରା ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ସଂଗଠନର ନେହା କିନ୍ନର, ମହାମାୟୀ, ଦୁର୍ଗା, ହାଇକୋର୍ଟରେ ଆଇନଜୀବୀ ଶିବାଶିଷ ମହାପାତ୍ର, ସାମାଜିକ କର୍ମୀ ଅୟସ କାନ୍ତ ରାୟ, ରଚନା କିନ୍ନର, ଆୟେସା, ଲକି, ହୁଡ଼ିହୁଡ୍ଡୁ, ନିଲୋଫର, ଚେଣ୍ଟିଂ, ପରି, ଖୁସି, ପୂଜା, ପମି, ଚନ୍ଦନା, ମେଘନା ସାହୁ ଓ ସାମାଜିକ କର୍ମୀ ଶୁଭଦର୍ଶିନୀ ମହାପାତ୍ର ପ୍ରମୁଖ ଯୋଗଦେଇ ସମାଜକୁ ସୁସ୍ଥ ଓ ପ୍ରଗତିଶୀଳ କରିବା ପାଇଁ ମା' ରାମଚଣ୍ଡୀ ପୀଠରେ ଶପଥପାଠ କରିଥିଲେ।

### ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

ଡେଲାଙ୍ଗ,୬।୧(ଡି.ଏନ୍.ଏ): ବେନୁପଡା ଗ୍ରାମରେ ୨ଦିନ ତଳେ ୩ଟି ପରିବାରର ଗୃହଦାହ ହୋଇଥିବା ବେଳେ ୭ଗୋରୁ ଆହତ ହୋଇଥିଲେ। ଏହି ପରିବାରକୁ ଡେଲାଙ୍ଗ-ପିପିଲି ଜନକଲ୍ୟାଣ ସଙ୍ଗଠନ ଆବାହକ ରାଧାମୋହନ ସହାୟତା କରିଛନ୍ତି। ସେ ବିପନ୍ନ ପରିବାରକୁ ପଲିଥିନ, ଚାଉଳ, ଡାଲି, ଚିନି, ବିସ୍କୁଟ,ତେଲ, ଲୁଣ ଓ ପରିବା ପ୍ରଦାନ କରିଥିଲେ। ଏଥିରେ ଜୟପ୍ରକାଶ ପ୍ରଧାନ, ମୋହନ ମହାପାତ୍ର, ଭାରତ ଆଜାଦ ମଞ୍ଚର ରାଜ୍ୟ ସଂଗଠକ ରାଜକିଶୋର ବେହେରା, ସତ୍ୟନାରାୟଣ ସ୍ୱାଇଁ, ସନ୍ତୋଷ ମହାନ୍ତି, ପ୍ରଭାତ ମହାନ୍ତି, କବିତା ରାଣୀ ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

**ପୁରୀ ଅଫିସ, ୬।୧:**

ବ୍ୟବସାୟକୁ କେନ୍ଦ୍ରକରି ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ସହ ତାଙ୍କ ଦୋକାନ ଭଙ୍ଗାରୁଜା କରାଯାଇଛି । ଏ ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ପୁରୀ ସହରସ୍ଥ ଦରଜିପୋଖରୀ ଛକଠାରେ ସୁଧାଂଶୁ ଭୂଷଣ ଚାନ୍ଦଙ୍କର ଏକ ଚଷମା ଦୋକାନ (ଶ୍ରୀରାମ ଅପଟିକାଲ୍ସ) ରହିଛି। ଦୋକାନରେ ସୁଧାଂଶୁ ବସିଥିବାବେଳେ ବିଘ୍ନରାଜ ମହାନ୍ତି ନାମକ ଅନ୍ୟ ଜଣେ ଚଷମା ଦୋକାନୀ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଶ୍ରୀରାମ ଅପଟିକାଲ୍ସ ତାଙ୍କର ଗ୍ରାହକ ଛଡ଼ାଇ ନେଉଛନ୍ତି ଯାହାଦ୍ୱାରା କ୍ଷତି ହେଉଛି ବୋଲି ବିଘ୍ନରାଜ ବଡପାଟିରେ

**ଦୋକାନ ଭଙ୍ଗାରୁଜା**



କହିଥିଲେ। ବିଘ୍ନରାଜଙ୍କ ଏଭଳି କାର୍ଯ୍ୟକଳାପକୁ ସୁଧାଂଶୁ ବିରୋଧ କରିଥିଲେ। ଏଥିରେ ବିଘ୍ନରାଜ ଉତ୍ୟକ୍ତ ହୋଇ କାଠଗୋଟାଳିରେ ସୁଧାଂଶୁଙ୍କ ମୁଣ୍ଡରେ ଶକ୍ତ ପ୍ରହାର କରିଥିଲେ। ଫଳରେ ସୁଧାଂଶୁଙ୍କ ମୁଣ୍ଡ ଫାଟିଯାଇଛି। ଏଥିସହ ତାଙ୍କ ଅଣ୍ଟା, ଗୋଡ଼ ଓ ହାତକୁ ମଧ୍ୟ ମାଡ଼ ମରାଯାଇଛି। ସୁଧାଂଶୁ ତଳେପଡ଼ି ଛଟପଟ ହେଉଥିବାବେଳେ ବିଘ୍ନରାଜ ତାଙ୍କ ବେକରୁ ସୁନାଚେନ୍ ଓ ଦୋକାନ କାଉଣ୍ଟରରୁ ୧୦ ହଜାର ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ। ସେ ଯିବାବେଳେ ଦାଦାବଟି ଦେବା ପାଇଁ ମଧ୍ୟ ଚେତାବନୀ ଦେଇଥିଲେ। ପରେ ସୁଧାଂଶୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଏ ସଂକ୍ରାନ୍ତରେ ସୁଧାଂଶୁଙ୍କ ସାନଭାଇ ଶୁଭ୍ରାଂଶୁ ଭୂଷଣ ଚାନ୍ଦ କୁମ୍ଭାରପଡ଼ା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ କେସ୍ ରୁଜୁ କରି ଘଟଣାର ତଦନ୍ତ କରୁଥିବା କୁମ୍ଭାରପଡ଼ା ଥାନା ଆଇଆଇସି କହିଛନ୍ତି।

## ଗଡ଼କରୀଙ୍କୁ ଭେଟିଲେ ଜୟନ୍ତ, ସମ୍ବିତ



କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ ଅବସରରେ ବିଧାୟକ ଜୟନ୍ତ ଷଡଙ୍ଗୀ ଓ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ମହାପ୍ରସାଦ ଦେଉଛନ୍ତି ।

**ପୁରୀ ଅଫିସ,୬।୧:**

**ସିଦ୍ଧ ମହାବୀର ରେଲୱେ ଓଭରବ୍ରିଜ୍ ନିର୍ମାଣ ପ୍ରସଙ୍ଗ**

ସିଦ୍ଧ ମହାବୀର ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବାକୁ ଦାବି ଜୋର୍ ଧରିଛି। ଏହି କ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ର ବୁଧବାର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଦିଲ୍ଲୀସ୍ଥିତ ବାସଭବନରେ ଭେଟିଛନ୍ତି। ଏହି ସମୟରେ ସିଦ୍ଧ ମହାବୀର ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯାଇ ସମ୍ପୂର୍ଣ୍ଣ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଗଡକରୀ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିଦିନ ପୁରୀ-କୋଣାର୍କ ଜାତୀୟ ରାଜପଥରେ ଥିବା ସିଦ୍ଧ ମହାବୀର ରେଳଫାଟକ ନିକଟରେ ପ୍ରବଳ ଗହଳି ଦେଖିବାକୁ ମିଳେ। ଏନେଇ ଅଞ୍ଚଳବାସୀ ବାରମ୍ବାର ଅସନ୍ତୋଷ ଜାହିର କରିବା ସହ ଓଭରବ୍ରିଜ୍ ନିର୍ମାଣ ପାଇଁ ଦାବି କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ୨୦୨୦-୨୧ ବର୍ଷରେ ହିଁ ଏହି ଓଭରବ୍ରିଜ୍ କାର୍ଯ୍ୟ ଆରମ୍ଭ ହେବ ବୋଲି ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଏହି ବ୍ରିଜ୍ ନିର୍ମାଣ ଲାଗି ୮୫ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଛି।

## ଏସ୍‌ପି ଅଫିସ ସମ୍ମୁଖରେ ଭାଜପାର ବିକ୍ଷୋଭ

**ପୁରୀ ଅଫିସ,୬।୧:**

ମାହାଙ୍ଗାର ଭାଜପା ନେତା କୁଳମଣି ବରାଳଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଭାଜପା ପକ୍ଷରୁ ବୁଧବାର ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଶତାଧିକ କର୍ମୀ ଟାଉନ୍ ହଲଠାରୁ ପଦଯାତ୍ରା କରି ଏସ୍‌ପି ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ରାଜନୈତିକ ହିଂସାଜନିତ କାର୍ଯ୍ୟକଳାପକୁ ଭାଜପା ପକ୍ଷରୁ କଡ଼ା ନିନ୍ଦା କରାଯିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସେହିଭଳି ଆଇନ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ଭାଜପା ଦାବି କରିଛି। ରାଜ୍ୟ ସରକାରଙ୍କ ଅସହିଷ୍ଣୁ ମନୋଭାବ ଯୋଗୁ ଜଣେ ଭାଜପା ନେତାଙ୍କ ଜୀବନ ଯାଇଛି ବୋଲି ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଥିଲେ। ଏହି ବିକ୍ଷୋଭରେ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପ୍ରଭାତି ପରିଡ଼ା, କୃଷ୍ଣଚନ୍ଦ୍ର ଜଗଦେବ, ସୁରଥ ବିଶ୍ୱାଳ, ଉମାକାନ୍ତ ନାୟକ, ଜୟନ୍ତ ଦାଶ, ସଂଗ୍ରାମ ପରିଡା, ଓମ ପ୍ରକାଶ ମିଶ୍ର ଓ ଅଭିଷେକ ସାହୁ ପ୍ରମୁଖ ସାମିଲ ଥିଲେ।

## କଣାସ: ଫସଲ ନଷ୍ଟ କଲେ ହାତୀପଲ

**କଣାସ,୬।୧(ସ୍ୱ.ପ୍ର.):**

କଣାସ ବ୍ଲକର ଗଡଖାରଦ ଓ ଦେଇପୁର ପଞ୍ଚାୟତରେ ଗତ ୨ଦିନ ହେବ ୧୨ରୁ ଊର୍ଦ୍ଧ୍ୱ ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ଫଳରେ ୨ ପଞ୍ଚାୟତର ଗ୍ରାମବାସୀ ସନ୍ଧ୍ୟା ସମୟରେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଗତ ୪ତାରିଖ ରାତ୍ରରେ ୧୨ରୁ ଊର୍ଦ୍ଧ୍ୱ ହାତୀ ଖୋର୍ଦ୍ଧା ଜିଲା ଚିତ୍ରକୁଟ ପାହାଡରୁ ଆସି କଣାସ ବ୍ଲକର ଗଡଖାରଦ ପଞ୍ଚାୟତର ବୀରଟୋଇ, ମୁଗପଦର, ବାଦୁରାବର, ମାଳିସାହି ଗ୍ରାମରେ ପଶି ବ୍ୟାପକ ଫସଲ କ୍ଷତି କରିଥିଲେ। ଖବରପାଇ ଡେଲାଙ୍ଗ-କଣାସ ବନ ବିଭାଗ ପହଞ୍ଚିବାର ବିଳମ୍ବ ହେବା ଯୋଗୁ ଟାଙ୍ଗି ବନାଞ୍ଚଳ ଅଧିକାରୀଙ୍କୁ ହାତୀପଲ ବିଷୟରେ ଜଣାଇଥିଲେ। ଟାଙ୍ଗି ବନାଞ୍ଚଳର ଅଧିକାରୀମାନେ ବାଦୁରାବର, ମାଳିସାହି, ବାଜପଦର ଗ୍ରାମରୁ ହାତୀପଲଙ୍କୁ ବଣକୁ ଫେରାଇନେବା ପାଇଁ ଚେଷ୍ଟା କରିବାରୁ ହାତୀମାନେ ବାଟବଣା ହୋଇ ଚିଲିକା ଉପକୂଳକୁ ଚାଲିଯାଇଥିଲେ। ବହୁ ଉଦ୍ୟମ ପରେ ସେଠାରୁ ହାତୀପଲଙ୍କୁ ଘଉଡ଼ାଇ ଚିତ୍ରକୁଟ ପାହାଡ଼କୁ ଫେରାଇ ନେଇଥିବା ଟାଙ୍ଗି ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ପଣ୍ଡା, ଟାଙ୍ଗି ବନପ୍ରାଣି ଅଧିକାରୀ ଚୁଡାରାଣୀ ମୁର୍ମୁ, ଚିଲିକା ବନପାଳ ରାଧାକାନ୍ତ ହୋତା, ଭୂଷଣ୍ଡପୁର ବନପାଳ ସିନ୍ଧୁଚରଣ ସିଂହ ପ୍ରକାଶ କରିଛନ୍ତି। ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଫସଲ କ୍ଷତିଗ୍ରସ୍ତ ହୋଇଥିବାରୁ ଗ୍ରାମବାସୀ କ୍ଷତିପୂରଣ ଦେବାକୁ ସରକାରଙ୍କୁ ଦାବି କରିଛନ୍ତି।

## ଐତିହ୍ୟ ପୀଠରେ ସ୍ୱଚ୍ଛତା ଅଭିଯାନ

**ସାକ୍ଷୀଗୋପାଳ,୬।୧(ଡି.ଏନ୍.ଏ):**

କରୋନା ଲାଗି ୯ ମାସ ବନ୍ଦ ରହିବା ପରେ ଏବେ ଖୋଲିଥିବା ଐତିହ୍ୟ ପୀଠଗୁଡ଼ିକର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ବୁଧବାର ଗୁରୁକୁଳ ଆଥ୍‌ଲେଟିକ ପକ୍ଷରୁ ଆରମ୍ଭ ହୋଇଛି। ଅନ୍ତର୍ଜାତୀୟ ପାରା ଆଥଲେଟ ଜୟନ୍ତୀ ବେହେରା ଓ ଗୁରୁକୁଳର ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ପ୍ରଶିକ୍ଷାର୍ଥୀମାନେ ସାକ୍ଷୀଗୋପାଳ ମନ୍ଦିର ଭିତର ଓ ପରିସର, ସିଦ୍ଧବକୁଳ ମନ୍ଦିର, ମଉନେଇଁ ମନ୍ଦିର ଓ ପଞ୍ଚସଖା ସ୍ମୃତି ସମାଧି ପୀଠରେ ସଫେଇ କରିଥିଲେ। ସାକ୍ଷୀଗୋପାଳ ମନ୍ଦିରର ଦିବ୍ୟାଙ୍ଗ ସେବାୟତ ଅନିଲ ମହାପାତ୍ରଙ୍କୁ ଜୟନ୍ତୀ ରାଶନ ସାମଗ୍ରୀ ଦେଇଥିଲେ। ଐତିହ୍ୟପୀଠଗୁଡିକର ସ୍ୱଚ୍ଛତା ଜରିଆରେ ପବିତ୍ରତା ରକ୍ଷା କରିବା ସଭିଙ୍କ କର୍ତ୍ତବ୍ୟ ବୋଲି ଜୟନ୍ତୀ କହିଥିଲେ। ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରା ମନ୍ଦିରରେ ପହଞ୍ଚି ସ୍ୱଚ୍ଛତା କାର୍ଯ୍ୟ ଦେଖି ଆନନ୍ଦ ପ୍ରକାଶ କରିଥିଲେ। ସେବାୟତ ସଂଘର ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ'

**ଦାୟିତ୍ୱ ନେଲେ ଜିଲାପାଳ**

**ପୁରୀ ଅଫିସ, ୬।୧:**

ସମର୍ଥ ବର୍ମା ପୁରୀର ନୂଆ ଜିଲାପାଳ ଭାବେ ଦାୟିତ୍ୱ ନେଇଛନ୍ତି। ପୂର୍ବତନ ଜିଲାପାଳ ବଲୱନ୍ତ ସିଂ ବୁଧବାର ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ସମୟରେ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ଭବତାରଣ ସାହୁ ଉପସ୍ଥିତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ନୂତନ ଜିଲାପାଳ ବର୍ମା ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପୁରୀର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ବର୍ମା କହିଛନ୍ତି । ଶ୍ରୀକ୍ଷେତ୍ରକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସହର



ନୂଆ ଜିଲାପାଳ ସମର୍ଥ ବର୍ମାଙ୍କ ସହ ବିଦାୟୀ ଜିଲାପାଳ ବଲୱନ୍ତ ସିଂ ଏବଂ ଅନ୍ୟ ଅଧିକାରୀ।

କରିବା ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ଶ୍ରୀସେତୁ, ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ, ତାଳବଣିଆ ଷ୍ଟାଡିୟମ ନିର୍ମାଣ, ଅସ୍ତରଙ୍ଗ ବନ୍ଦର କାର୍ଯ୍ୟ ଓ ସିଦ୍ଧ ମହାବୀର ଓଭରବ୍ରିଜ୍ ପ୍ରକଳ୍ପ ଆଦି କିପରି ତ୍ୱରିତ ବେଗରେ କାର୍ଯ୍ୟକ୍ଷମ ହେବ ତାହା ନୂଆ ଜିଲାପାଳଙ୍କ ପାଇଁ ଚ୍ୟାଲେଞ୍ଜ ରହିବ ବୋଲି କୁହାଯାଉଛି। କୋଷ୍ଟାଲ ହାଇୱେ ପ୍ରୋଜେକ୍ଟ ପାଇଁ ଜମି ଅଧିକରଣ ପ୍ରକ୍ରିୟା ବନ୍ଦ ହୋଇ ପଡ଼ିଥିବାବେଳେ ଏ ନେଇ ଜିଲାପାଳ କି ପଦକ୍ଷେପ ନେବେ ତାହା ଉପରେ ସମସ୍ତଙ୍କ ନଜର ରହିବ।

# ଗହଳି ନାହିଁ, ଜମୁନି ବେପାର

**ପୁରୀ ଅଫିସ, ୬।୧:**

ଶ୍ରୀମନ୍ଦିର ଖୋଲିବା ପରେ ଶ୍ରଦ୍ଧାଳୁଙ୍କ ଆଗମନ ବଢ଼ିବ ଓ ପୁଣି ଥରେ ବେପାର ଜୋର ଧରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେମିତି କିଛି ହୋଇନି। ଶ୍ରୀମନ୍ଦିର ପ୍ରବେଶ ପାଇଁ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ କରାଯିବା ପରେ ଶ୍ରଦ୍ଧାଳୁଙ୍କ ଆଗମନ ହ୍ରାସ ପାଇଛି। ବୁଧବାର ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଗତଦିନ ତୁଳନାରେ ଆହୁରି କମିଛି। ଫଳରେ ହୁଣ୍ଡିରୁ ମାତ୍ର ୯୫ ହଜାର ୯୦୩ ଟଙ୍କା ମିଳିଛି। ହୁଣ୍ଡି ଆୟ ସମେତ ସ୍ଥାନୀୟ ଉଠାଦୋକାନୀଙ୍କ ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଛି। କୋଭିଡ୍ ରିପୋର୍ଟକୁ ବାଧ୍ୟତାମୂଳକ କରିବା ସମସ୍ୟା ନୁହେଁ, ଜିଲାରେ ବ୍ୟାପକ ଭାବେ କୋଭିଡ୍ ଟେଷ୍ଟ ନ ହେବା ହିଁ ସମସ୍ୟା ବୋଲି ଅନେକ ବ୍ୟକ୍ତି ମତ ଦେଇଛନ୍ତି। ସରକାରୀ ଡାକ୍ତରଖାନାରେ ଯଦି ମାଗଣା କୋଭିଡ୍ ଟେଷ୍ଟ ସୁବିଧା ନ ମିଳିବ ତାହାହେଲେ ଅତିକମ୍‌ରେ ପୁରୀ ସହରକୁ ଆସୁଥିବା ଲୋକଙ୍କୁ ଏହି ଅନୁମତି ମିଳିବ କି ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଖୋଲିଲେ ଯେ କେବଳ ମହାପ୍ରଭୁଙ୍କ ଦର୍ଶନ ହେବ ତାହା ନୁହେଁ, ବରଂ ପର୍ଯ୍ୟଟନ ଶିଳ୍ପକୁ ଭାତହାଣ୍ଡି କରି ମୁଣ୍ଡାଇଥିବା ହଜାର ହଜାର ବ୍ୟବସାୟୀ ନିଜ ପରିବାର ପ୍ରତିପୋଷଣ କରିବାରେ ସମର୍ଥ ହେବେ। ହୋଟେଲ ବ୍ୟବସାୟଠାରୁ ଆରମ୍ଭ କରି ରାସ୍ତାଘାଟରେ ଉଠାଦୋକାନ କରିଥିବା ଲୋକେ ସମସ୍ତେ ଆଶା ବାନ୍ଧିଥିଲେ ଯେ, ଶ୍ରୀମନ୍ଦିର ଖୋଲିବ ଓ ବେପାର ହେବ। ଏହି ଆଶାରେ ସମୁଦ୍ରକୂଳ ଓ ବଡଦାଣ୍ଡରେ ଉଠା ଦୋକାନୀଙ୍କ ସଂଖ୍ୟା ବଢ଼ିଛି। ମାତ୍ର ଲୋକଙ୍କ ଗହଳଚହଳ ନ ଥିବାରୁ ବେପାର ମାନ୍ଦା। ଲକ୍‌ଡାଉନ୍ ପରଠୁ ପ୍ରାୟ ସମସ୍ତ ଉଠାଦୋକାନ ବନ୍ଦ ରହିଥିଲା। ମାତ୍ର ଏବେ ପ୍ରାୟ ୨୫ ଶହ ଦୋକାନ ସମୁଦ୍ରକୂଳରେ ଖୋଲିଛି। ସମୁଦ୍ରକୂଳରେ ମାଳି ଓ ଶଙ୍ଖ ବିକ୍ରି କରୁଥିବା ପ୍ରଭାତ ଜେନା କହିଛନ୍ତି, ପୁରୀ ସହରକୁ ଲୋକେ କେବଳ ସମୁଦ୍ର ଓ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସନ୍ତି। ଆମେ ଏହାରି ଉପରେ ନିର୍ଭର କରି ଚଳୁ। ପ୍ରଥମେ କରୋନା ଓ ଏବେ ପ୍ରଶାସନର କଟକଣା ଆମକୁ ହଇରାଣ କରୁଛି। କୋଭିଡ୍ ନେଗେଟିଭ୍ ରିପୋର୍ଟ କଟକଣା ଯୋଗୁ ଗହଳି ହେଉନି। ଗହଳି ବିନା ବେପାର ଏକଦମ୍ ମାନ୍ଦା। ସେହିଭଳି ବଡଦାଣ୍ଡ ଓ ଶ୍ରୀମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଦୀପ, ସଳିତା, ଫଟୋ, ସିନ୍ଦୂର ଓ ଖଜା ଦୋକାନମାନ ବହୁ ସଂଖ୍ୟାରେ ଦେଖିବାକୁ ମିଳୁଛି। ମାତ୍ର ଶ୍ରଦ୍ଧାଳୁଙ୍କ ଭିଡ଼ ନ ଥିବାରୁ ବେପାର ଭଲ ହେଉନାହିଁ। ଅନ୍ୟପକ୍ଷରେ ଉପଜିଲାପାଳ ଭବତରଣ ସାହୁ କହିଛନ୍ତି, ସରକାରୀ ସ୍ତରରେ ଜିଲା ବାହାର ଲୋକଙ୍କର କୋଭିଡ୍ ଟେଷ୍ଟ ନେଇ କୌଣସି ସୁବିଧା ନାହିଁ। ଜିଲା ଭିତର ଲୋକଙ୍କ କୋଭିଡ୍ ଟେଷ୍ଟ ପାଇଁ ସମୟ ମିଳୁ ନ ଥିବାବେଳେ ବାହାର ଲୋକଙ୍କ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରିବା ମଧ୍ୟ ସମ୍ଭବ ନୁହେଁ।

**ଉଠାଦୋକାନୀ ନିରାଶ**

- କମିଲା ଶ୍ରୀମନ୍ଦିର ହୁଣ୍ଡି ଆୟ
- ବାହାର ଲୋକଙ୍କ କୋଭିଡ୍ ଟେଷ୍ଟ ପାଇଁ ସୁବିଧା ନାହିଁ



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାଜେଶ୍ୱରୀ



@ ଚନ୍ଦନ



@ ନରେନ୍ଦ୍ର



@ ପ୍ରଭଞ୍ଜନ



@ ସୌମ୍ୟରଞ୍ଜନ



@ ହାପି



@ ପୂର୍ଣ୍ଣଚନ୍ଦ୍ର



@ ସସ୍ମିତା